**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**31 March - 2024**

**********************************

# ଘରୋଇ ଉତ୍ପାଦ ଜିଡିପି

ଚଳିତ ଆର୍ଥିକ ବର୍ଷର ତୈମାସିକ ଶେଷ ସୁଦ୍ଧା ଦେଶର ମୋଟ୍ ଘରୋଇ ଉତ୍ପାଦ ଜିଡିପିରେ ୮ ପ୍ରତିଶତରୁ ଅଧିକ ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଉନ୍ନତ ମୁଦ୍ରାସ୍ଫୀତି ପରିଚାଳନା ଏବଂ ମାଇକ୍ରୋ ଅର୍ଥନୀତିରେ ସ୍ଥିରତା କାରଣରୁ ଏହିବର୍ଷର ଅର୍ଥନୀତିର ଅଭିବୃଦ୍ଧି ହାର ବୃଦ୍ଧି ପାଇବ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି । ଚଳିତ ଆର୍ଥିକ ବର୍ଷର ଆଜି ଶେଷ ଦିନ ଥିବାରୁ ଜିଡିପିର ହିସାବ ଖୁବ୍‌ଶୀଘ୍ର ପ୍ରକାଶ ପାଇବ ।

# ବିଜେପି ପ୍ରାର୍ଥୀତାଲିକା

ଓଡ଼ିଶାର ସମସ୍ତ ସଂସଦୀୟ କ୍ଷେତ୍ରଲାଗି ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରାଯାଇଛି । ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ପକ୍ଷରୁ ଓଡ଼ିଶାର କଟକ ସଂସଦୀୟ କ୍ଷେତ୍ର ପାଇଁ ଭର୍ତ୍ତୃହରି ମହତାବ, କନ୍ଧମାଳରୁ ସୁକାନ୍ତ କୁମାର ପାଣିଗ୍ରାହୀ ଓ ଯାଜପୁରରୁ ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ପ୍ରାର୍ଥୀ କରାଯାଇଛି । ସୂଚନାଯୋଗ୍ୟ ରାଜ୍ୟର ୨୧ଟି ଲୋକସଭା କ୍ଷେତ୍ର ମଧ୍ୟରୁ ୧୮ଟି ଆସନ ପାଇଁ ଦଳପକ୍ଷରୁ ପୂର୍ବରୁ ପାର୍ଥୀତାଲିକା ଘୋଷଣା କରାଯାଇଥିଲା ।

## ଆନ୍ତଃରାଜ୍ୟ ସମନ୍ୱୟ ବୈଠକ

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗତକାଲି ବରିଷ୍ଠ ପୁଲିସ ଅଧିକାରୀଙ୍କ ଏକ ଆନ୍ତଃରାଜ୍ୟ ସମନ୍ୱୟ ବୈଠକ କଟକଠାରେ ଅନୁଷ୍ଠିତ ହୋଇଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ବରିଷ୍ଠ ପୁଲିସ ଅଧିକାରୀଙ୍କ ସମେତ ଛତିଶଗଡର ଆରକ୍ଷୀ ଅଧିକ୍ଷକ ଅଶୋକ ଯୁନେଜା ଏବଂ ସେଠାକାର ଅନ୍ୟାନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ଏହି ବୈଠକରେ ଉଭୟ ରାଜ୍ୟର ସୀମାନ୍ତ ଜିଲ୍ଲାଗୁଡ଼ିକରେ ଆଦର୍ଶ ନିର୍ବାଚନ ଆଚରଣ ବିଧିକୁ କଡାକଡିଭାବେ ପାଳନ କରିବା ତଥା ଶାନ୍ତିଶୃଙ୍ଖଳା ରକ୍ଷା କରିବା ଉପରେ ବିସ୍ତୃତ ଆଲୋଚନା ହୋଇଛି । ତନଖି ଫାଟକ ଗୁଡ଼ିକରେ ଯାଞ୍ଚକୁ କଡାକଡି କରିବା ଏବଂ ସମ୍ବେଦନଶୀଳ ସ୍ଥାନ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନେଇ ମଧ୍ୟ ବୈଠକରେ ବିଶଦଭାବେ ଆଲୋଚନା ହୋଇଛି ।

## ସକାଳୁଆ ସ୍କୁଲ

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ମଙ୍ଗଳବାରଠାରୁ ବିଦ୍ୟାଳୟ ଗୁଡ଼ିକର କାର୍ଯ୍ୟନିର୍ଘଣ୍ଟ ସମୟ ସକାଳୁ ଆରମ୍ଭ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତକାଲି ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ସମସ୍ତ ସରକାରୀ,

ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକ ପାଇଁ ଏହି ସମୟ ନିର୍ଘଣ୍ଟ ଲାଗୁ ହେବ ବୋଲି ଏହି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି ।

ସେହିଭଳି ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ସ୍କୁଲରେ ପାନୀୟଜଳ, ଓଆର୍‌ଏସ୍ ପ୍ୟାକେଟ୍ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ସକାଳୁଆ କୋର୍ଟ

ରାଜ୍ୟର ସବୁ ଜିଲ୍ଲାସ୍ତରୀୟ ଏବଂ ନିମ୍ନ ଅଦାଲତଗୁଡ଼ିକ ଆସନ୍ତା ୮ ତାରିଖରୁ ସକାଳୁ ଆରମ୍ଭ ହେବ । ପୂର୍ବାହ୍ନ ୭ଟାରୁ କୋର୍ଟ କାର୍ଯ୍ୟାଳୟ ଖୋଲା ରହିବ । ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ ସଦର ଏବଂ ପୁରୀ ସଦର ଅଦାଲତ ବ୍ୟତୀତ ଅନ୍ୟ ସବୁ କୋର୍ଟର କାର୍ଯ୍ୟ ସକାଳ ସାଢ଼େ ୭ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ଚାଲିବ । ଅନ୍ୟ କୋର୍ଟ ଗୁଡ଼ିକର କାର୍ଯ୍ୟ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ଚାଲିବ । ସକାଳ ୧୦ଟାରୁ ଅଧଘଣ୍ଟାଏ ପାଇଁ ବିରିତ ରହିବ ବୋଲି ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ପାଣିପାଗ

ରାଜ୍ୟରେ ଗତକ କିଛିଦିନ ହେବ ଗ୍ରୀଷ୍ମ ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି । ଗତକାଲି ସର୍ବାଧିକ ଦିନ ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ ମାଲକାନଗିରିଠାରେ ରେକର୍ଡ କରାଯାଇଛି । ଅନ୍ୟ ୪ଟି ସହର ବଲାଙ୍ଗୀର, ଟିଟିଲାଗଡ, ନୟାଗଡ ଏବଂ ବୌଦ୍ଧର ତାପମାତ୍ରା ମଧ୍ୟ ୪୦ଡିଗ୍ରୀ ସେଲସିୟସ ଉପରେ ରେକର୍ଡ କରାଯାଇଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏଭଳି ପରିସ୍ଥିତି ଆଉ କିଛିଦିନ ଜାରି ରହିବ । ଉପକୂଳ ଅଞ୍ଚଳରେ ଅଧିକ ଗୁଳଗୁଳି ଅନୁଭୂତ ହୋଇପାରେ ।

ଆଜି ଝାରସୁଗୁଡ଼ା, ବରଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଗତକାଲି ଅନୁଷ୍ଠିତ ହୋଇଛି । ବିଭିନ୍ନ କ୍ଷେତ୍ରରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଉପରେ ଏହି ବୈଠକରେ ଆଲୋଚନା ହୋଇଛି । ବିଶୁଦ୍ଧ ପାନୀୟଜଳ ଯୋଗାଣ ଏବଂ ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ନିଶ୍ଚିତ କରିବାକୁ ମଧ୍ୟ ବୈଠକରେ ଆଲୋଚନା ହୋଇଛି । ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଜୀବନ ରକ୍ଷାକାରୀ ଔଷଧ ମହଜୁଦ ରଖିବା, ଜଙ୍ଗଲ ନିଆଁକୁ ରୋକିବା ଲାଗି ସଚେତନତା କାର୍ଯ୍ୟକ୍ରମ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

## ଇଷ୍ଟର ପର୍ବ

ରାଜ୍ୟର ଆଜି ବିଭିନ୍ନ ପ୍ରାନ୍ତରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନେ ଅତ୍ୟନ୍ତ ଶ୍ରଦ୍ଧାର ସହ ଇଷ୍ଟର ପର୍ବ ପାଳନ କରୁଛନ୍ତି । ବିଶ୍ୱାସ ରହିଛି ପ୍ରଭୁ ଯୀଶୁ ଶୁଭ ଶୁକ୍ରବାର ଦିନ କ୍ରୁଶବିଦ୍ଧ ହେବାର ୩ ଦିନ ପରେ ଅର୍ଥାତ୍ ରବିବାର ଦିନ ପୁନଃ ଜୀବନ ଲାଭ କରିଥିଲେ । ପ୍ରଭୁ ଯୀଶୁଙ୍କର ଏହି ଧରାବତରଣ ଉତ୍ସବକୁ ସର୍ବତ୍ର ଇଷ୍ଟର ପର୍ବ ଭାବେ ପାଳନ କରାଯାଏ ।

ରାଜ୍ୟର ବିଭିନ୍ନ ଗୀର୍ଜାଘର ଗୁଡ଼ିକରେ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି ।

## ନାଟ୍ୟ ମହୋତ୍ସବ

ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଜୁପଟ୍ଟନାୟକ ପ୍ରେକ୍ଷାଳୟଠାରେ ପ୍ରଥମ ଆର୍ନ୍ତଜାତିକ ପଞ୍ଚମ ନାଟ୍ୟ ମହୋତ୍ସବର ଗତକାଲି ଦ୍ୱିତୀୟ ସଂଧ୍ୟାରେ ଦୁଇଟି ନାଟକ ମଞ୍ଚସ୍ଥ ହୋଇଛି । ମରାଠୀ ନାଟକ ମିଥ୍ ଅଫ୍ ମେଣ୍ଡିଗୋଜ୍ ଏବଂ ହିନ୍ଦୀ ନାଟକ ଲଭ୍ ପ୍ଲାଟଫର୍ମ ମଞ୍ଚସ୍ଥ ହୋଇଛି । ଏହି ଅବସରରେ ସମ୍ବଲପୁରୀ ଧନୁଯାତ୍ରାର ପାଣ୍ଡୁଲିପି ଲେଖକ ଓ ନିର୍ଦ୍ଦେଶକ ବବଲୁ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।